ଧରିତ୍ରୀ
DHARITRI
ଗୁରୁବାର, ୧୧ ମାର୍ଚ୍ଚ, ୨୦୨୧

**ଜବରଦଖଲରେ ଥିବା ଘର ଭାଙ୍ଗିଲା ପ୍ରଶାସନ**

**ରମ୍ଭା,**-ରମ୍ଭା ଏନ୍ଏସିର ୧୩ ନମ୍ବର ୱାର୍ଡ ଫାୟର ଷ୍ଟେସନ ପାର୍ଶ୍ୱରେ ଜବର ଦଖଲରେ ଥିବା ଘରକୁ ବୁଧବାର ପ୍ରଶାସନ ଭାଙ୍ଗି ଦେଇଛି। ଦୀର୍ଘ ଏକ ବର୍ଷ ହେଲା ଉକ୍ତ ବସ୍ତିବାସିନ୍ଦା ସରକାରୀ ଜମିରେ ଘର କରି ରହିଥିଲେ। ଦଶ ଦିନ ପୂର୍ବରୁ ପ୍ରଶାସନ ସେମାନଙ୍କୁ ବସ୍ତି ଖାଲି କରିବା ପାଇଁ ନୋଟିସ ଦେଇଥିଲା। କିନ୍ତୁ ସେମାନେ ଖାଲି ନ କରିବାରୁ ତହସିଲଦାର, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ, ରମ୍ଭା, ଖଲ୍ଲିକୋଟ ଓ ମେରାଇନ ଆଇଆଇସିଙ୍କ ସହ ଏକ ପ୍ଲାଟୁନ ପୋଲିସ ଫୋର୍ସ ଉପସ୍ଥିତିରେ ଜବର ଦଖଲ ଘରକୁ ଉଚ୍ଛେଦ କରାଯାଇଛି। ଏଥିରେ ବସ୍ତି ବାସିନ୍ଦା ଉତକ୍ଷିପ୍ତ ହେବା ସହ ସେମାନଙ୍କୁ ଥଇଥାନ ପାଇଁ ଦାବି କରିଛନ୍ତି।



## ସଂକ୍ଷେପରେ

### ୱାରେଣ୍ଟ ବଳରେ ଯୁବକ ଗିରଫ

**ବ୍ରହ୍ମପୁର ଅଫିସ,୧୦।୩-** ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ପୋଲିସ ଜାମିନ ବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ବଳରେ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ଆଙ୍କୁଲିର ଗୁରୁ ମଣ୍ଡଳ (୨୩)। ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେ ଦୁଇଟି ମାମଲାରେ ୱାଣ୍ଟେଡ୍ ଥିଲେ ବୋଲି ଥାନାଧିକାରୀ ସାରଦା ପ୍ରସନ୍ନ ଦାସ କହିଛନ୍ତି। ଗତ ବର୍ଷ ଜାତୀୟ ରାଜପଥ ଆଙ୍କୁଲି ରାସ୍ତା କଡରେ ଥିବା ଏକ ଛେଳି ଓ କୁକୁଡ଼ା ଫାର୍ମରୁ ଚୋରି ହୋଇଥିଲା। ପୋଲିସ ଏହି ଘଟଣାରେ ଅଭିଷେକ ପାଢ଼ୀ ଓ ଆଶିଷ ରାଉତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ଘଟଣାରେ ଗୁରୁ ଫେରାର ଥିଲେ। ସେହିପରି ଆଉ ଏକ ଆକ୍ରମଣ ଘଟଣାରେ ମଧ ସେ ଫେରାର ଥିଲେ। କୋର୍ଟ ନିର୍ଦ୍ଦେଶକ୍ରମେ ଅଭିଯୁକ୍ତ ଗୁରୁଙ୍କୁ ଗିରଫ କରାଯାଇଛି ବୋଲି ସେ କହିଛନ୍ତି।

### ଆଇନଜୀବୀଙ୍କ ବିୟୋଗରେ କୋର୍ଟ କାର୍ଯ୍ୟ ବନ୍ଦ

**ବ୍ରହ୍ମପୁର ଅଫିସ,୧୦।୩-** ଗଞ୍ଜାମ ଓକିଲ ସଂଘ ସଦସ୍ୟ ତଥା ବରିଷ୍ଠ ଆଇନଜୀବୀ ଲିଙ୍ଗରାଜ ଜେନା (୭୧)ଙ୍କ ବିୟୋଗରେ ଓକିଲ ସଂଘ କାର୍ଯ୍ୟାଳୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସେ ଜାତୀୟ କଂଗ୍ରେସ ସେବା ଦଳ ଗଞ୍ଜାମ ଜିଲାର ପୂର୍ବତନ ଉପସଭାପତି ଓ ଜଣେ ବିଶିଷ୍ଟ ସମାଜିକକର୍ମୀ ଥିଲେ। ବୁଧବାର ସକାଳେ ତାଙ୍କ କମାପଲ୍ଲୀ ସ୍ଥିତ ବାସଭବନରେ ମୃତ୍ୟୁ ଘଟିଥିଲା। ଓକିଲ ସଂଘ ସଭାପତି କପିଳେଶ୍ୱର ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସ୍ୱର୍ଗତ ଆଇନଜୀବୀଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ମିନଟ ନୀରବ ପ୍ରାର୍ଥନା କରାଯାଇଥିଲା। ସଂଘ ସଭାପତି କପିଳେଶ୍ୱର ପଟ୍ଟନାୟକ, ସମ୍ପାଦକ ରାମକୃଷ୍ଣ ମହାରଣା, ଉପସଭାପତି ବସନ୍ତ କୁମାର ରାଉତ, ଯୁଗ୍ମ ସମ୍ପାଦକ ଶ୍ରୀଧର ସାହୁ, ଶିଶିର କୁମାର ପାଢ଼ୀ, ମୋହନ ସିଙ୍ଗାରି, ପୀତବାସ ପଣ୍ଡା, ସୀତାଂଶୁ ପଣ୍ଡା, ରଘୁନାଥ ପ୍ରସାଦ ପାଣିଗ୍ରାହୀ, ପ୍ରଦୀପ ପଣ୍ଡା, ପ୍ରସାଦ ପାତ୍ର, ସୁନୀଲ କୁମାର ସ୍ୱାଇଁ, ଜନାର୍ଦ୍ଦନ ସୁବୁଦ୍ଧି, ସଞ୍ଜୟ ମିଶ୍ର, ପ୍ରଦୀପ ବେହେରା ଓ ସୁଶୀଳ ତ୍ରିପାଠୀଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ବୁଧବାର ଦିନକ ପାଇଁ ଓକିଲ ସଂଘ ତରଫରୁ ଜିଲା ଜଜ କୋର୍ଟ ସମେତ ସମସ୍ତ ନିମ୍ନ ଅଦାଲତରେ କୋର୍ଟ କାର୍ଯ୍ୟ ବନ୍ଦ ଥିଲା।

# କଳାକୁଞ୍ଜ, ମାନସିକଧାରୀଙ୍କ ବେଶ ମନା

**ବ୍ରହ୍ମପୁର ଅଫିସ,୧୦।୩**



ଉପସ୍ଥିତ ବିଏମ୍‌ସି ପଦାଧିକାରୀ ଓ ପୂଜା ଆୟୋଜକ।

- କଟକଣାରେ ହେବ ବୁଢ଼ୀଠାକୁରାଣୀଙ୍କ ଯାତ୍ରା
- ଗାଇଡ୍‌ଲାଇନ୍ ଜାରିକଲା ବିଏମ୍‌ସି

କୋଭିଡ୍ କଟକଣାରେ ପାଳିତ ହେବ ବ୍ରହ୍ମପୁର ମା'ବୁଢ଼ୀ ଠାକୁରାଣୀଙ୍କ ପ୍ରସିଦ୍ଧ ଦ୍ୱିବାର୍ଷିକ ଯାତ୍ରା। ଏ ନେଇ ବୁଧବାର ବିଏମ୍‌ସି କମିଶନରଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ଏ ନେଇ କିଛି କଟକଣା ମଧ ଜାରି କରାଯିବ ବୋଲି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ସୂଚନା ଦେଇଛନ୍ତି। ଚଳିତ ଥର ଯାତ୍ରା ୨୧ ଦିନ ଓ ୨୫ ଦିନ ପରିବର୍ତ୍ତେ ଖୁବ୍ କମ୍ ଦିନ କରିବା ପାଇଁ ବିଏମ୍‌ସି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତି ସାହିକୁ ଘଟ ପରିକ୍ରମା ସମୟରେ ଠାକୁରାଣୀଙ୍କ ପାଦ ଛୁଇଁ ପୂଜାର୍ଚ୍ଚନାରେ କଟକଣା ରହିବ। ସ୍ୱେଚ୍ଛାସେବୀ ସଂଗଠନମାନେ ଘଟ ପରିକ୍ରମାରେ ସାମିଲ ହେବେ। ଯାତ୍ରା ସମୟରେ ଖାଦ୍ୟ ବଣ୍ଟନକୁ ନିଷିଦ୍ଧ କରାଯାଇଛି। ଏଥିସହ ମାନସିକ ବେଶଧାରୀମାନେ ରାତି ୧୧ଟାରୁ ପୂର୍ବାହ୍ନ ୫ଟା ଯାଏ ବୁଲିପାରିବେ ନାହିଁ। ଏଥିସହ ଯାତ୍ରା ସମୟରେ ବିଭିନ୍ନ ସାହିରେ ହେଉଥିବା କଳାକୁଞ୍ଜ ନିର୍ମାଣ ଉପରେ ଅଙ୍କୁଶ ଲଗାଯାଇଛି। ଏଥିସହ ଯାତ୍ରା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅନୁମତି ଦିଆଯିବ ନାହିଁ ବୋଲି କମିଶନର କହିଛନ୍ତି। ଏଥିରେ ଜିଲା କିମ୍ବା ରାଜ୍ୟ ବାହାରୁ ବ୍ରହ୍ମପୁରବାସୀ ସମ୍ପର୍କୀୟଙ୍କୁ ଆମନ୍ତ୍ରଣ ନ କରିବା ପାଇଁ ବିଏମ୍‌ସି ପକ୍ଷରୁ ଅନୁରୋଧ କରାଯାଇଛି। ଜାରି କରାଯାଇଥିବା କଟକଣାକୁ ଯାତ୍ରା ଆୟୋଜକମାନେ ଆଲୋଚନା କରି ବିଏମ୍‌ସିକୁ ଖୁବ୍ ଶୀଘ୍ର ଅବଗତ କରାଇବା ପାଇଁ କୁହାଯାଇଥିଲା। ଅନ୍ୟପଟେ ଯାତ୍ରା ସମୟରେ ଯଦି କୌଣସି ଦୁର୍ଘଟଣା ଘଟେ ତେବେ ଯାତ୍ରା ପରିଚାଳକମାନେ ହିଁ ଦାୟୀ ରହିବେ ବୋଲି କୁହାଯାଇଛି। ଶିବରାତ୍ରି ପରେ ଶୁଭଖୁଣ୍ଟି ସ୍ଥାପନ ହେବା ନେଇ ଯାତ୍ରା ପରିଚାଳନା କମିଟି ପକ୍ଷରୁ ନିଷ୍ପତ୍ତି ହୋଇଛି। ଶୁଭଖୁଣ୍ଟି ସ୍ଥାପନ ପରେ ଆୟୋଜକ ଓ ବିଏମ୍‌ସି ବୈଠକ ହେବା ନେଇ ସ୍ଥିର ହୋଇଛି। ଯାତ୍ରା ଆୟୋଜକ ଦୁର୍ଗା ପ୍ରସାଦ ଦେଶୀ ବେହେରା ଜିଲା ପ୍ରଶାସନର ସମସ୍ତ ଗାଇଡ୍ ଲାଇନ୍‌କୁ ମାନି ସୁରୁଖୁରରେ ଯାତ୍ରା ଅନୁଷ୍ଠିତ ହେବ ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଏମ୍‌ସି ଡେପୁଟି କମିଶନର ରେମାଞ୍ଚଳ ଖମାରୀଙ୍କ ସମେତ ଯାତ୍ରା ଆୟୋଜକ କମିଟି ଓ ବିଏମ୍‌ସିର ବହୁ ପଦାଧିକାରୀ ଉପସ୍ଥିତ ଥିଲେ।

# ଖାଲାସୀ ସାହିରେ ବୋମାମାଡ଼

**ବ୍ରହ୍ମପୁର ଅଫିସ,୧୦।୩**

**ମିଳିଛି ଫୁଟେଜ, ପୋଲିସର ଖୋଳତାଡ଼**

ଟାଉନ ଥାନା ଅନ୍ତର୍ଗତ ଖାଲାସୀ ସାହିରେ ବୁଧବାର ବୋମାମାଡ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

ସୂଚନାନୁଯାୟୀ, ସୁରେଶ ନାମକ ଜଣେ ଯୁବକ ଖାଲାସୀ ସାହିରେ ଥିବା ଏକ ତେଜରାତି ଦୋକାନ ନିକଟରେ ବସିଥିଲେ। ୩ ଜଣ ମୁଖା ପିନ୍ଧା ଦୁର୍ବୃତ୍ତ ସେଠାରେ ପହଞ୍ଚି ସୁରେଶଙ୍କୁ ଲକ୍ଷ୍ୟ କରି ପ୍ରଥମେ ଏକ ବୋମା ଫିଙ୍ଗିଥିଲେ। ସୌଭାଗ୍ୟବଶତଃ ବୋମାଟି ଫୁଟିନଥିଲା। ବୋମା ପଡିବା ଜାଣି ସେଠାରେ ଥିବା ଲୋକମାନେ ଦୌଡ଼ିବାକୁ ଲାଗିଲେ। ଖବର ପାଇ ପୋଲିସ ସେଠାରେ ପହଞ୍ଚିଥିଲା। ଘଟଣାସ୍ଥଳରୁ ୩ ଅଫୁଟା ବୋମା ଜବତ କରିଥିଲା। ପୋଲିସ ସୁରେଶଙ୍କୁ ଏନେଇ ପଚରାଉଚରା କରିଥିଲା। ଅଭିଯୋଗ କ୍ରମେ ପୋଲିସ ୪୧/୨୧ ରେ ଏକ ମାମଲା ରୁଜୁ କରିଛି। ଘଟଣାରୁ ପ୍ରକାଶ, ୩ ଜଣ ମୁଖା ପିନ୍ଧା ଯୁବକ ପ୍ରଥମେ ଏକ ସ୍କୁଟି ଗାଡ଼ିରେ ଖାଲାସୀ ସାହିକୁ ଆସିଥିଲେ। ଏକ ଦୋକାନ ନିକଟରେ ସୁରେଶ ବସିଥିବା ସେମାନେ ଦେଖିବାକୁ ପାଇଥିଲେ। ପରେ ସେମାନେ ସେଠାରୁ ଚାଲିଯାଇଥିଲେ। କିଛି ସମୟ ପରେ ଚାଲି ଚାଲି ଆସି ସୁରେଶଙ୍କୁ ଲକ୍ଷ୍ୟ କରି ବୋମା ଫିଙ୍ଗିଥିଲେ। ସୁରେଶ ସେଠାରୁ ଦୌଡ଼ି ପଳାଉଥିବା ବେଳେ ଦୁର୍ବୃତ୍ତମାନେ ଗୋଟିଏ ପରେ ଗୋଟିଏ ଏପରି ୩ ବୋମା ଫିଙ୍ଗିଥିଲେ। ହେଲେ ଗୋଟିଏ ବି ଫୁଟି ନ ଥିଲା। ପୋଲିସ ଉକ୍ତ ସାହିରେ ପହଞ୍ଚି ରାସ୍ତା ଉପରେ ପଡିଥିବା ବୋମାଗୁଡ଼ିକୁ ଜବତ କରିଥିଲା। ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ସଂଗ୍ରହ କରି ଏବେ ତନାଘନା ଚଳାଇଥିବା କହିଛି। କୌଣସି ଏକ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦୁର୍ବୃତ୍ତମାନେ ସୁରେଶ ଉପରେ ବୋମାମାଡ କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ସନ୍ଦେହ କରୁଛି।

# ମଧ୍ୟରାତ୍ରିରୁ ଉଠିବ ମହାଦୀପ

**ବ୍ରହ୍ମପୁର ଅଫିସ, ୧୦।୩**



କେତକୀ ଫୁଲ ବିକ୍ରି କରୁଥିବା ବ୍ୟବସାୟୀ।

**ଆଜି ମହା ଶିବରାତ୍ରି**

- କିଆ, କେତକୀ ଦର ଆକାଶଛୁଆଁ

କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ଚଳିତ ଥର ମହାଶିବରାତ୍ରି କୋଭିଡ୍ କଟକଣା ମଧ୍ୟରେ ପାଳନ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଗାଇଡ୍‌ଲାଇନ୍ ଜାରି କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ସହରର ବିଭିନ୍ନ ଶୈବ ପୀଠ ଗୁଡ଼ିକରେ ପ୍ରଶାସନ ଗାଇଡ୍ ଲାଇନ୍‌କୁ ଅନୁକରଣ କରାଯାଇଛି। ମନ୍ଦିରରେ ପ୍ରବେଶ ନିମନ୍ତେ ମାସ୍କ ବାଧ୍ୟତାମୂଳକ କରାଯାଇଛି। ଏଥିସହ ପ୍ରତ୍ୟେକ ମନ୍ଦିର ପରିଚାଳନା କମିଟି ପକ୍ଷରୁ ହ୍ୟାଣ୍ଡ ସାନିଟାଇଜର୍‌ର ବ୍ୟବସ୍ଥା କରାଯାଇଛି। ପୂଜା ଶାନ୍ତି ଶୃଙ୍ଖଳା ସହ ପରିଚାଳିତ ହେବ ସେ ନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ମନ୍ଦିରରେ ମହାଦୀପ ଉଠିବା ସମୟରେ ସୀମିତ ସଂଖ୍ୟକ ପୂଜାରୀଙ୍କ ଦ୍ୱାରା ମହାଦୀପ ଉଠିବ। ଏହି ସମୟରେ କୌଣସି ଶ୍ରଦ୍ଧାଳୁ ମନ୍ଦିର ମଧ୍ୟରେ ପ୍ରବେଶ କରିବେ ନାହିଁ ବୋଲି ବିଭିନ୍ନ କମିଟି ପକ୍ଷରୁ ଦର୍ଶାଯାଇଛି। ସହରର ନୀଳକଣ୍ଠେଶ୍ୱର ମନ୍ଦିରରେ ରାତି ୧ଟା, ଅମରେଶ୍ୱର ମନ୍ଦିରରେ ରାତି ୧୧ଟା, କାଶୀବିଶ୍ୱନାଥ ମନ୍ଦିରରେ ରାତି ୧୧ଟା ଓ ସ୍ୱପ୍ନେଶ୍ୱର ମନ୍ଦିରରେ ରାତି ୧୧ଟାରେ ମହାଦୀପ ଉଠିବ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ମିଳିଛି। ତେବେ ଆସନ୍ତାକାଲି ମହାଶିବରାତ୍ରି ଥିବାରୁ ଆଜିଠାରୁ ସହରର ସହରର କମାପଲୀ, ବିଜିପୁର, ଗେଟ୍ ବଜାର, ଗିରିଜା ଛକ ଭଳି ବିଭିନ୍ନ ମୁଖ୍ୟ ଛକମାନଙ୍କରେ ବ୍ୟବସାୟୀମାନେ ପୂଜା ସାମଗ୍ରୀ ବିକ୍ରି କରୁଥିବା ଦେଖିବାକୁ ମିଳିଛି। ବିଶେଷକରି କେତକୀ ଓ ଆଖୁ ଚାହିଦା ବେଶ୍ ବୃଦ୍ଧି ପାଇଛି। କେତକୀ ଫୁଲର ମୂଲ୍ୟ ୨୫୦ରୁ ୧୦୦୦ ଟଙ୍କା ରହିଥିବା ବେଳେ ଆଖୁ ଦଣ୍ଡା ପିଛା ୪୦ ଟଙ୍କା ରହିଛି।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ଦୁର୍ନୀତି ଅଭିଯୋଗ

**ପାତ୍ରପୁର,୧୦।୩(ଡି.ଏନ୍.ଏ.)**

ପାତ୍ରପୁର ବ୍ଲକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଜରଡ଼ା ପଞ୍ଚାୟତ ସୁବର୍ଣ୍ଣପୁର ଗ୍ରାମରେ ମହାଦେଇବନ୍ଧଠାରୁ ବାରିକ ସାହି ରାସ୍ତା କାମ ନ ହୋଇ ଟଙ୍କା ଉଠାଣ ହୋଇଛି। ମଙ୍ଗଳବାର ବିଳମ୍ବିତ ରାତିରେ ଜେସିବି ଓ ଟ୍ରାକ୍ଟରରେ ମାଟି ବାହାର କରି ରାସ୍ତାରେ ପକାଯାଉଥିବା ଭିଡିଓ ଭାଇରାଲ୍ ହୋଇଛି। ଏ ନେଇ ବୁଧବାର ଭାଜପା ନେତା ମନୋରଞ୍ଜନ ଦ୍ୟାନ ସାମନ୍ତରା ଅଭିଯୋଗ କରିଛନ୍ତି। ମାଟି କାମ ପାଇଁ ୪ ଲକ୍ଷ ୩୪ ହଜାର ୧୩୦ ଟଙ୍କାରୁ ୨ ଲକ୍ଷ ୭୪ ହଜାର ୮ଶହ ୫୦ ଟଙ୍କା କୌଣସି କାମ ନହୋଇ ବିଲ୍ ହୋଇଛି। କୌଣସି କାମ ନହୋଇ କିଭଳି ଏତେ ବିଲ୍ ହୋଇଛି ତାହାର ତଦନ୍ତ କରିବାକୁ ସେ ଜିଲାପାଳ, ପିଡି, ଉପଜିଲାପାଳ, ତହସିଲଦାର, ବିଡିଓ, ଜିଜିଲା ପ୍ରମୁଖଙ୍କୁ ଅଭିଯୋଗ କରିଛନ୍ତି। ଏହି ସମସ୍ୟାର ସମାଧାନ ନହେଲେ ଆଗାମୀ ଦିନରେ ଭାଜପା ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି।

# ପରିବାରବର୍ଗଙ୍କୁ ଗିରଫ ଦାବିରେ ରାସ୍ତାରୋକୋ

**ବ୍ରହ୍ମପୁର ଅଫିସ,୧୦।୩**

**ଭାଇବୋହୂଙ୍କୁ ହତ୍ୟା ଘଟଣା**

ଗଞ୍ଜାମ ଜିଲା ସଦର ଥାନା ଅନ୍ତର୍ଗତ ବାଲିପଡ଼ା ଗ୍ରାମରେ ବିଧବା ଭାଇବୋହୂଙ୍କୁ ହତ୍ୟା ଘଟଣାକୁ ନେଇ ବୁଧବାର ଅଶାନ୍ତ ବାତାବରଣ ଦେଖାଦେଇଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଦେଡ଼ଶୁର ପ୍ରଭାକର ବିଷୋୟୀଙ୍କୁ ପୋଲିସ ଗିରଫକରି କୋର୍ଟ ଚାଲାଣ କରିଛି। ଏହି ଘଟଣାରେ ପ୍ରଭାକରଙ୍କ ପରିବାରର ଅନ୍ୟ ସଦସ୍ୟଙ୍କ ସମ୍ପୃକ୍ତି ଓ ଗିରଫ ଦାବି କରି ବୁଧବାର ଗ୍ରାମର କେତେକ ଲୋକ ବାଲିପଡ଼ାରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲା। ତଦନ୍ତରେ ଯେଉଁମାନଙ୍କ ବିରୋଧରେ ପ୍ରମାଣ ମିଳିବ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ ପ୍ରତିଶ୍ରୁତି ଦେବା ପରେ ଲୋକେ ରାସ୍ତାରୋକୋରୁ ହଟିଥିଲେ। ପ୍ରକାଶଯେ, ଗତ ୮ ତାରିଖରେ ସଦର ଥାନା ବାଲିପଡ଼ା ଗ୍ରାମର ବିଧବା ସୁଷମା ବିଷୋୟୀ ନିକଟସ୍ଥ ବିଲକୁ ଯାଇଥିଲେ। ଏହି ସମୟରେ ତାଙ୍କ ସମ୍ପତ୍ତି ଲୋଭରେ ଦେଡ଼ଶୁର ପ୍ରଭାକର ଏକ ଠେଙ୍ଗାରେ ପିଟି ଭାଇବୋହୂଙ୍କୁ ହତ୍ୟା କରିଥିଲେ।



ଟାୟାର ଜାଳି ରାସ୍ତାରୋକୋ କରାଯାଇଛି।

# ଜଙ୍ଗଲ ସୁରକ୍ଷା ସଚେତନତା



ବୁଗୁଡ଼ାରେ ଶୋଭାଯାତ୍ରାରେ ଯାଉଥିବା ବନ କର୍ମଚାରୀମାନେ ।

**ପୋଲସରା/ବୁଗୁଡ଼ା ୧୦।୩ (ଡି.ଏନ.ଏ.)**

ପୋଲସରା ବନାଞ୍ଚଳ ମଥୁରା ପଞ୍ଚାୟତସ୍ଥିତ ଡଉମାଳଠାରେ ଜଙ୍ଗଲ ସୁରକ୍ଷା ନେଇ ସ୍ଥାନୀୟ ବନାଞ୍ଚଳ ଅଧିକାରୀ ସଚିନ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଜଙ୍ଗଲକୁ ନିଆଁ ଦାଉରୁ କିଭଳି ସୁରକ୍ଷା ଦିଆଯାଇପାରିବ, ବନ୍ୟଜନ୍ତୁ ଶିକାର ରୋକିବା ଆଦି ନେଇ ବୈଠକରେ ଆଲୋଚନା ହୋଇଥିଲା। ଜଙ୍ଗଲ ସୁରକ୍ଷା ସମ୍ପର୍କିତ ସଚେତନତା ବାର୍ତ୍ତା ଲେଖାଥିବା ପ୍ଲାକାର୍ଡ ଧରି ଗ୍ରାମ ପରିକ୍ରମା କରାଯିବା ସହ ଲୋକମାନଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ଦକ୍ଷିଣ ଘୁମୁସର ବନ ସଂରକ୍ଷକ ଶଙ୍କର୍ଷଣ ବେହେରା, ପୋଲସରା ବନାଞ୍ଚଳ ଅଧିକାରୀ ସଚିନ କୁମାର ପ୍ରଧାନ, ଭାବରଡ଼ା ବନପାଳ କାଶିନାଥ ଷଡ଼ଙ୍ଗୀ, ଯୋକବନ୍ଧ ବନପାଳ ରାଜେନ୍ଦ୍ର ନାୟକ, ବନପାଳ ସୁକାନ୍ତ କୁମାର ପଟ୍ଟନାୟକଙ୍କ ସମେତ ବନ ସୁରକ୍ଷା ସମିତିର ସଦସ୍ୟମାନେ ଉପସ୍ଥିତ ଥିଲେ।

ସେହିପରି ବୁଗୁଡ଼ା ବନ ବିଭାଗ ପକ୍ଷରୁ ମଙ୍ଗଳବାର ଜଙ୍ଗଲରେ ନିଆଁ ଲିଭାଇବା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ହୋଇଯାଇଛି। ବନାଞ୍ଚଳ ଅଧିକାରୀ ଫକୀର ଚରଣ ବେହେରାଙ୍କ ନେତୃତ୍ୱରେ ବନ କର୍ମଚାରୀମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜଙ୍ଗଲ ନିଆଁ ଲିଭାଇବା ପାଇଁ ସଚେତନତା କରିଥିଲେ। ପରେ ବନାଞ୍ଚଳ କାର୍ଯ୍ୟାଳୟରେ ରେଞ୍ଜରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ତାଲିମ କାର୍ଯ୍ୟକ୍ରମରେ ଏସିଏଫ ଶଙ୍କର୍ଷଣ ବେହେରା ଓ ବୁଗୁଡ଼ା ଅଗ୍ନିଶମ କେନ୍ଦ୍ର ଅଧିକାରୀ ସଞ୍ଜୟ କୁମାର ରାଉତ ଯୋଗ ଦେଇ ଶିବିରାର୍ଥୀମାନଙ୍କୁ ଜଙ୍ଗଲ ନିଆଁ ଲିଭାଇବାର ବିଭିନ୍ନ କୌଶଳ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ଏଥିରେ ବନ ସୁରକ୍ଷା ସମିତିର ୬୦ ଜଣ କର୍ମକର୍ତ୍ତାଙ୍କ ସମେତ ବନପାଳ, ବନରକ୍ଷୀ ଓ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଆକ୍ରମଣ ମାମଲାରେ ଦୁଇ ଅଭିଯୁକ୍ତ କୋର୍ଟ ଚାଲାଣ

**କୁକୁଡ଼ାଖଣ୍ଡି,୧୦।୩**

ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ କରିବା ମାମଲାରେ ବୁଧବାର ସଦର ଥାନା ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସଦର ଥାନା ଅନ୍ତର୍ଗତ ନଳିହାଡ଼ ଗାଁର ସନାତନ ସଂଗ୍ରାମ ସିଂହ, ସଞ୍ଜୟ ପାତ୍ର। ନଳିହାଡ଼ ଗ୍ରାମ ଗଡସାହିର ଚିରଞ୍ଜିତ ସଂଗ୍ରାମ ସିଂ ଏକ ବାଇକରେ ଗତ ସୋମବାର ଯାଉଥିବା ବେଳେ ସନାତନ ଏବଂ ତାଙ୍କ ସହଯୋଗୀ ସଞ୍ଜୟ ଏକ ଲୁହାଛଡ଼ରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଚିରଞ୍ଜିତଙ୍କୁ ବ୍ରହ୍ମପୁର ବଡ ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ଚିରଞ୍ଜିତଙ୍କ ଏତଲାକୁ ଭିତ୍ତି କରି ପୋଲିସ ନଂ.୬୧/୨୧ରେ ମାମଲା ରୁଜୁ କରିଥିଲା। ଗତ ମଙ୍ଗଳବାର ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ପୂର୍ବରୁ ମଧ ଅଭିଯୁକ୍ତମାନେ ଚିରଞ୍ଜିଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା।

# ୩ ମାସରେ ୧ ହଜାରରୁ ଉର୍ଦ୍ଧ୍ୱ ଗ୍ରାମକୁ ବାଲ୍ୟବିବାହ ମୁକ୍ତ କର

**ଫୁଲବାଣୀ ଅଫିସ, ୧୦।୩**

ବାଲ୍ୟ ବିବାହକୁ ରୋକିବା ନେଇ ଜିଲା ଟାସ୍କ ଫୋର୍ସ କମିଟିର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡା. ବୃନ୍ଦା ଡି. ଯୋଗଦେଇ ଜିଲାର ସମସ୍ତ ପଞ୍ଚାୟତ ଓ ବ୍ଲକସ୍ତରରେ ହୋଇଥିବା ଟାସ୍କ ଫୋର୍ସ ବୈଠକର ବିବରଣୀ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କ ନିକଟରେ ପହଞ୍ଚି ନ ଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ଅଧାରୁ ପାଠ ଛାଡୁଥିବା ପିଲା ଓ କିଶୋରମାନଙ୍କୁ ଅଲଗା ଅଲଗା ଗ୍ରୁପ୍ କରି ସେମାନଙ୍କର ଯୋଗ୍ୟତା ଅନୁସାରେ କ'ଣ କରିବାକୁ ଚାହୁଁଛନ୍ତି, ସେଗୁଡ଼ିକୁ ଦର୍ଶାଇବା ପାଇଁ ପରାମର୍ଶ ଦେଇଥିଲେ। ଏହା ହେଲେ ସେମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ତାଲିମ ଦିଆଯାଇ ପାରିବ। ଉପ ଜିଲାପାଳ ଦେବେନ୍ଦ୍ର କୁମାର ନନ୍ଦ ସିଙ୍ଗଲ୍ ପ୍ୟାରେଣ୍ଟ, ଅରଫାନ୍‌ର ସଂଜ୍ଞା ବୁଝାଇବାକୁ ଯାଇ ସରକାରଙ୍କର ଉଦ୍ଦେଶ୍ୟ ଅସହାୟ ପିଲାଙ୍କୁ ସାହାଯ୍ୟ କରିବା। ତେଣୁ ଯେଉଁ ବାପା ମା ଜୀବିତ ଥାଇ ବି ଛାଡ଼ିକି ପଳେଇ ଯାଇଛନ୍ତି ସେହି ପିଲାମାନେ ବି ଅସହାୟ । ତେଣୁ ସର୍ଭେ କରୁଥିବା ଅଧିକାରୀମାନେ ସେହି ସ୍ଥଳରେ ଅର୍‌ଫାନ୍ ଲେଖିଲେ ପ୍ରକୃତ ତଥ୍ୟ ସଂଗ୍ରହ କରି ରିପୋର୍ଟ ପ୍ରଦାନ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ପ୍ରତି ବିଦ୍ୟାଳୟ କାନ୍ଥରେ ବାଲ୍ୟ ବିବାହକୁ ନା ସମ୍ପର୍କିତ ଚିତ୍ର କରିବାକୁ ଜିଲା ଶିକ୍ଷା ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଘୋଷଣା ହୋଇଥିବା ୨୯୮ ବାଲ୍ୟ ବିବାହ ମୁକ୍ତ ଗ୍ରାମ ଜିଲା ସ୍ତରୀୟ ବୈଠକରେ ଗୃହୀତ ହୋଇଥିଲା। ଆସନ୍ତା ୩ ମାସ ମଧ୍ୟରେ ୧ହଜାରରୁ ଅଧିକ ଗ୍ରାମକୁ ବାଲ୍ୟ ବିବାହ ମୁକ୍ତ ଗ୍ରାମ ଭାବରେ କିପରି ଘୋଷଣା କରାଯାଇପାରିବ ସେଥିପ୍ରତି ଦୃଷ୍ଟି ଦେବାପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

# ୨୦ ବର୍ଷ ପରେ ଧରାପଡ଼ିଲେ ହତ୍ୟା ଅଭିଯୁକ୍ତ

**ଛତ୍ରପୁର,୧୦।୩ (ଡି.ଏନ.ଏ.)**

ଛତ୍ରପୁର ଥାନା ପୋଲିସ ମଙ୍ଗଳବାର ରାତିରେ ଜଣେ ହତ୍ୟା ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଛତ୍ରପୁର ଥାନା ସରଭୀମପୁର ଗ୍ରାମର ବୁଲା ଦାସ। ବୁଲା ୨୦ବର୍ଷ ହେଲା ଫେରାର୍ ଥିଲେ। ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ପ୍ରିୟସ ରଞ୍ଜନ ଛୋଟରାୟ କହିଛନ୍ତି।

୨୦୦୧ ଅକ୍ଟୋବର ୧୬ ତାରିଖରେ ସରଭୀମପୁର ଗ୍ରାମର ଗୋପୀ ଦାସଙ୍କ ପୁଅଙ୍କୁ ୩ ଜଣ ମିଶି ହତ୍ୟା କରିଥିଲେ। ସେମାନଙ୍କ ମଧ୍ୟରୁ ୨ ଅଭିଯୁକ୍ତ କଂଗ୍ରେସ ଦାସ ଓ ରାଜେନ୍ଦ୍ର ସାହୁ ଓରଫ ବାବୁଲାଙ୍କୁ କୋର୍ଟ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିବା ବେଳେ ବୁଲା ଫେରାର ରହିଥିଲେ। ସେ ପୁରୁଷୋତ୍ତମପୁର ଅଞ୍ଚଳ ଓ ଅନ୍ୟ ସ୍ଥାନରେ ଲୁଚି ରହିଥିଲେ। ମଙ୍ଗଳବାର ରାତିରେ ପୋଲିସ ତାଙ୍କୁ ଧରିବାରେ ସଫଳ ହୋଇଛି।

# କମ୍ୟୁନିଟି ହଲ୍ ଉଦ୍‌ଘାଟିତ

**କାଶୀନଗର,୧୦।୩**

କାଶୀନଗର ବ୍ଲକ ସୀତାପୁର ପଞ୍ଚାୟତର ସୀଙ୍ଗିପୁରଗୁଡା ଗ୍ରାମରେ ନୂତନ ଭାବେ ନିର୍ମାଣ ହୋଇଥିବା କମ୍ୟୁନିଟି ହଲକୁ ବୁଧବାର ପାରଳା ବିଧାୟକ କେ.ନାରାୟଣ ରାଓ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ଅବସରରେ ବ୍ଲକ ଅଧକ୍ଷ ସି ଏଚ ସୀମାଦ୍ରି, ସରପଞ୍ଚ ଉରିଆଣୀ ଗମାଙ୍ଗ, ସମିତିସଭ୍ୟ ଡି.ରାଜେଶ କୁମାରଙ୍କ ସହ ବହୁ ଜନସାଧାରଣ ଉପସ୍ଥିତ ଥିଲେ।




କମ୍ୟୁନିଟି ହଲ୍ ଉଦ୍‌ଘାଟନ କରୁଛନ୍ତି ବିଧାୟକ।

# ବ୍ଲଡ୍ ଆର୍ମି ଗଞ୍ଜାମର ମହନୀୟତା

**ହିଞ୍ଜିଳିକାଟୁ,୧୦।୩(ଡ଼ି.ଏନ୍.ଏ.)**

ଜରୁରୀ ସମୟରେ ରକ୍ତଦାନ ପାଇଁ ସ୍ୱେଚ୍ଛାସେବୀଙ୍କୁ ନେଇ ଗଠିତ 'ବ୍ଲଡ଼ ଆର୍ମି ଗଞ୍ଜାମ'ର ୪ ସଦସ୍ୟ ବିଶାଖପାଟଣା ଯାଇ ହିଞ୍ଜିଳିକାଟୁର ଜଣେ ରୋଗୀଙ୍କୁ ରକ୍ତଦାନ କରିଛନ୍ତି। ସେମାନେ ହେଲେ ହିଞ୍ଜିଳିକାଟୁର ବଳରାମ ପାତ୍ର, ହିଞ୍ଜିଳିକାଟୁ ବ୍ଲକ ରାଳବ ଗ୍ରାମର ପପୁ ପରିଡ଼ା, ଭଞ୍ଜନଗରର ଚିନ୍ମୟ ପୋଲାଇ ଓ ପୁରୁଷୋତ୍ତମପୁର ବ୍ଲକ ଜେମାଦେଇପୁରର ବଜରଙ୍ଗି ବଟ୍ଟମିଶ୍ର। ଏମାନେ ମଙ୍ଗଳବାର ବିଶାଖପାଟଣା ଯାଇ ସେଠାରେ ଚିକିତ୍ସିତ ହେଉଥିବା ହିଞ୍ଜିଳିକାଟୁ ଅଞ୍ଚଳର ଲକ୍ଷ୍ମଣ ମହାରଣାଙ୍କୁ ୪ ୟୁନିଟ ରକ୍ତ ଦେଇଛନ୍ତି। ପରିବାର ଲୋକେ ସ୍ୱେଚ୍ଛାସେବୀଙ୍କ ସହ ଯୋଗାଯୋଗ କରିଥିଲେ।

# ମହାବିଦ୍ୟାଳୟରେ ନାହିଁ ଛାତ୍ରୀ ସଂସଦ

**ବ୍ରହ୍ମପୁର ଅଫିସ,୧୦।୩**

**ମହାମାୟୀ ମହିଳା କଲେଜକୁ ପୂରିଛି ୪୦ ବର୍ଷ**

ବ୍ରହ୍ମପୁର ସହରରେ ୧୯୮୧ରେ ପ୍ରତିଷ୍ଠା ହୋଇଛି ମହାମାୟୀ ମହିଳା ମହାବିଦ୍ୟାଳୟ। ୪୦ ବର୍ଷର ଏହି କଲେଜରେ ରହିଛି ୧୭ ବିଭାଗ ଏବଂ ଅଧ୍ୟୟନ କରୁଛନ୍ତି ପ୍ରାୟ ୪ ହଜାର ଛାତ୍ରୀ। ତେବେ ଏଯାବତ ଏଠାରେ ଛାତ୍ରୀ ସଂସଦ ନାହିଁ। କଲେଜ ବାର୍ଷିକୋତ୍ସବରେ ସଭାପତିତ୍ୱ କରୁଛନ୍ତି ଅଧକ୍ଷ। ବିଭିନ୍ନ ଦଳ ଛାତ୍ର ସଂଗଠନଗୁଡ଼ିକ ମଧ ଏଥିପ୍ରତି ଧ୍ୟାନ ଦେଉନାହାନ୍ତି। ମହାନଗରରେ ଶଶୀଭୂଷଣ ରଥ ସ୍ୱୟଂଶାସିତ ମହିଳା ସରକାରୀ କଲେଜ ପରେ ମହାମାୟୀ ହେଉଛି ଦ୍ୱିତୀୟ ବେସରକାରୀ କଲେଜ। ଛାତ୍ରୀ ସଂସଦ ଗଠନ ପାଇଁ କଲେଜ ପରିଚାଳନା କମିଟି ଅନୁମୋଦନ ଆବଶ୍ୟକ। ପୂର୍ବତନ ବିଧାୟକ ଡ଼ା. ରମେଶଚନ୍ଦ୍ର ଚ୍ୟାଉପଟ୍ଟନାୟକ ୧୯୯୫ରୁ ୨୦୧୯ ନିର୍ବାଚନ ପର୍ଯ୍ୟନ୍ତ କମିଟି ଅଧକ୍ଷ ଥିଲେ। ତାଙ୍କ ଦୀର୍ଘ ବର୍ଷ ମଧ୍ୟରେ ଛାତ୍ରୀ ସଂସଦ ଗଠନ ପାଇଁ ପଦକ୍ଷେପ ନେଇ ନ ଥିଲେ। ଏବେ ବ୍ରହ୍ମପୁର ଉପଜିଲାପାଳ ମ୍ୟାନିଜିଂ କମିଟି ମୁଖ୍ୟ ଅଛନ୍ତି। ବିକ୍ରମ ପଣ୍ଡା ବିଧାୟକ ନିର୍ବାଚିତ ହେବାର ଦୁଇ ବର୍ଷ ବିତିବାକୁ ଯାଉଛି। ତେବେ ପୂର୍ବ ପରମ୍ପରା ପ୍ରକାରେ ଉଚ୍ଚଶିକ୍ଷା ବିଭାଗ ବର୍ତ୍ତମାନ ସୁଦ୍ଧା କମିଟି ଅଧକ୍ଷ କରିନାହାନ୍ତି। କେବଳ ବ୍ରହ୍ମପୁର ନୁହେଁ ଜିଲାର ବିଭିନ୍ନ ସ୍ଥାନରେ ସରକାରୀ ଏବଂ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟଗୁଡ଼ିକର ପରିଚାଳନା ଦାୟିତ୍ୱ ଅଫିସରମାନଙ୍କୁ ନ୍ୟସ୍ତ କରାଯାଇଛି।

ସୂଚନାଯୋଗ୍ୟ, ବ୍ରହ୍ମପୁରର ପୂର୍ବତନ ବିଧାୟକ ସ୍ୱର୍ଗତ ବିନାୟକ ମହାପାତ୍ରଙ୍କ ଉଦ୍ୟମରେ ଘରୋଇ ଭାବେ ମହାମାୟୀ ମହିଳା କଲେଜ ପ୍ରତିଷ୍ଠା ହୋଇଥିଲା। ବଡ଼ବଜାର, ସାନବଜାର ଓ ପୁରୁଣା ବ୍ରହ୍ମପୁର ଅଞ୍ଚଳର ସାହିବସ୍ତିରେ ଛାତ୍ରୀମାନେ ଯେଭଳି ଘର ପାଖରେ କଲେଜ ଶିକ୍ଷା ପାଇପାରିବେ ସେଥିପାଇଁ କରାଯାଇଥିଲା। ପ୍ରଥମେ ପାର୍କ ସାହିରେ ଏକ ଭଡ଼ାଘରେ ଆରମ୍ଭ ହୋଇ ପରବର୍ତ୍ତୀ ସମୟରେ ଗାନ୍ଧୀନଗର ଅଞ୍ଚଳରେ ବହୁତଳ ବିରାଟ କୋଠା ନିର୍ମାଣ କରାଯାଇଛି। ଏହା ସରକାରୀକରଣ ହୋଇ ନ ଥିଲେ ମଧ ଗ୍ରାଣ୍ଟ ମିଳୁଛି। କଲେଜ ପାଇଁ ଆବଶ୍ୟକ ଅଧିକ ଥିଲେ ଜମି ନ ଥିବାରୁ 'ନାକ୍' ସ୍ୱୀକୃତିରୁ ବଞ୍ଚିତ ହୋଇଛି। ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଏହି କଲେଜ ସମସ୍ୟା ସମାଧାନ ହେଉ ନ ଥିବା ଆଲୋଚନା ହେଉଛି। ଛାତ୍ରନେତାରୁ ବିଧାୟକ ହୋଇଥିବା ବିକ୍ରମ ପଦକ୍ଷେପ ନେବାକୁ ଅଭିଭାବକ ମହଲରୁ ଦାବି ହୋଇଛି।

